ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩

Deepanjali Dugal,
Jr. Agrometeorologist

ସପ୍ତାହ ସଂଖ୍ୟା -୩୦

ବୁଲେଟିନ ନମ୍ବର :୬୦
ତାରିଖ : ୨୯.୦୭.୨୦୨୫
(ମଙ୍ଗଳବାର)

## ଢେଙ୍କାନାଳ ଜିଲ୍ଲା (ମଧ କେନ୍ଦ୍ରୀୟ ଅଧତ୍ୟକା ଜଳବାୟୁ ମଣ୍ଡଳ)

ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୨୩.୦୭.୨୦୨୫ ରୁ ୨୯.୦୭.୨୦୨୫)

| | |
|---|---|
| ବୃଷ୍ଟିପାତ (ମି.ମି.) | ୩୮.୯ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୮.୪-୩୫.୪ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୫.୭-୨୭.୦ |

ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୦୪.୦୮ .୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 30-07-2025 | 8 | 31 | 25 | 5 | 92 | 73 | 8 | 263 |
| 01-08-2025 | 6 | 32 | 25 | 5 | 91 | 68 | 6 | 253 |
| 02-08-2025 | 5 | 33 | 25 | 5 | 89 | 59 | 7 | 276 |
| 03-08-2025 | 4 | 33 | 26 | 5 | 83 | 60 | 10 | 279 |
| 04-08-2025 | 4 | 33 | 26 | 5 | 80 | 53 | 10 | 281 |

**ଆଗାମୀ ୫ ଦିନର ପାଣିପାଗ ସୂଚନା:**

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ଅଛି । ଆକାଶ ସାଧାରଣତଃ ମେଘୁଆ ରହିବ । ଆଗାମୀ ୫ଦିନ ପବନ ୦୬-୧୦ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୩୧-୩୩ ଡି.ସେ. ମଧ୍ୟରେ ଓ ସର୍ବନିମ୍ନ ତାପମାତ୍ରା ୨୫-୨୬ ଡି.ସେ. ମଧ୍ୟରେ ରହିବାର ସମ୍ଭାବନା ଅଛି। ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୮୦ ରୁ ୯୨ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୫୩-୭୩ ପ୍ରତିଶତ ମଧ୍ୟରେ ରହିବ ।

**ହଳଦିଆ ଚେତାବନୀ: (ସଚେତନ ରୁହନ୍ତୁ)**

ଆସନ୍ତା ୩୦ ରୁ ୩୧ ତାରିଖ ମଧ୍ୟରେ ଢେଙ୍କାନାଳ ଜିଲ୍ଲାରେ ଗୋଟିଏ ରୁ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ୩୦-୪୦ କିମି ବେଗରେ ଝଟକା ପବନ ବହିବାର ସମ୍ଭାବନା ଅଛି ।

**ଆଗାମୀ ୨ସପ୍ତାହ ପାଇଁ ବିସ୍ତୃତ ପାଣିପାଗ ସୂଚନା:**

ପ୍ରଥମ ସପ୍ତାହ: (୨୫ଜୁଲାଇ ରୁ ୩୧ଜୁଲାଇ ୨୦୨୫)

ଓଡିଶାର ସମସ୍ତ ଜିଲ୍ଲାରେ ବ୍ୟାପକ ରୂପେ ସ୍ୱଳ୍ପରୁ ମଧ୍ୟମ ଧରଣ ବର୍ଷା ଓ କିଛି ସ୍ଥାନରେ ପ୍ରବଳ ରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି ।

ଦ୍ୱିତୀୟ ସପ୍ତାହ: (୦୧ଅଗଷ୍ଟ ରୁ ୦୭ଅଗଷ୍ଟ ୨୦୨୫)

ଓଡିଶାର ସମସ୍ତ ଜିଲ୍ଲାରେ ବ୍ୟାପକ ରୂପେ ସ୍ୱଳ୍ପରୁ ମଧ୍ୟମ ଧରଣ ବର୍ଷା ଓ କିଛି ସ୍ଥାନରେ ପ୍ରବଳ ରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି ।

## କୃଷି ସୂଚନ

### ସାଧାରଣ ଉପଦେଶ

- ଚାଷୀ ଭାଇ ମାନେ ଆଗକୁ ସ୍ୱଳ୍ପ ବର୍ଷା ଥିବାରୁ ଫସଲରେ ସାର ଓ କୀଟନାଶକ ପ୍ରୟୋଗ କରିବା ସମୟରେ ଯତ୍ନ ନିଅନ୍ତୁ ।
- ମୁଖ୍ୟ ଜମିରେ ଧାନ ପ୍ରତିରୋପଣ ଅଗଷ୍ଟ ମାସର ପ୍ରଥମ ସପ୍ତାହ ମଧ୍ୟରେ ସମ୍ପୂର୍ଣ କରିଦିଅନ୍ତୁ ଓ ଧାନ ରୋଇବା ସମୟରେ ୫ ସେମି ଠିଆ ପାଣି ରଖନ୍ତୁ ।
- ବର୍ଷା ଋତୁରେ ସବୁ ଫସଲରେ ନିୟମିତ ଭାବରେ ରୋଗ ଏବଂ ପୋକର ସର୍ବେକ୍ଷଣ କରନ୍ତୁ ।

| ଫସଲ | ଅବସ୍ଥା | ପାଣିପାଗ ଭିତ୍ତିକ କୃଷି ପରାମର୍ଶ |
|---|---|---|
| ଧାନ | ତଳି ରୋପଣ ଅବସ୍ଥା | • ୨୧ ରୁ ୨୫ ଦିନର ତଳିକୁ ଧାଡି କୁ ଧାଡି ୨୦ ସେମି ଏବଂ ଗଛ କୁ ଗଛ ୧୫ ସେମି ବ୍ୟବଧାନ ରଖି ବୁଦା ପ୍ରତି ୨-୩ ଟି ତାଳି ଲଗାନ୍ତୁ ।<br>• ଧାନ ରୋଇବାର ୩ଦିନ ମଧ୍ୟରେ ଏକର ପ୍ରତି ୬୦୦-ମି.ଲି. Pretilachlor ଘାସମରା ଔଷଧ କିମ୍ବା |

| | | |
|---|---|---|
| | | ୫୦ଗ୍ରାମ Oxadiargyl କିମ୍ବା ୮0-ଗ୍ରାମ Pyrazosulfuron Ethyl ପ୍ରୟୋଗ କରନ୍ତୁ । ମନେରଖନ୍ତୁ ଘାସମରା ଔଷଧକୁ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା ୨୦ କେଜି ବାଲିରେ ମିଶାଇ ସମାନ ଭାବରେ ଜମିରେ ପ୍ରୟୋଗ କରନ୍ତୁ। |
| ମକା: | ଅବିବୃଦ୍ଧି ଅବସ୍ଥା | • ମକା ମଞ୍ଜି ବୁଣିବାର ୨୦ ରୁ ୨୫ ଦିନ ହୋଇ ଯାଇଥିଲେ ଘାସ ବାଛି ଜମିକୁ କୋଡାଖୋସା କରି ହୁଡା ଟେକି ଦିଅନ୍ତୁ।<br>• ଏହି ସମୟରେ ଏକର ପ୍ରତି ୫୫ କି. ଗ୍ରା. ୟୁରିଆ ସାର ପ୍ରୟୋଗ କରନ୍ତୁ । ୪୦-୪୫ ଦିନ ବେଳକୁ ଚଁଅଁର ଆସିବା ପୂର୍ବରୁ ଆଉଥରେ ଘାସ ବାଛି କୋଡାଖୋସା କରି ଏକର ପ୍ରତି ୫୫ କି. ଗ୍ରା. ୟୁରିଆ ଓ ୨୦ କି. ଗ୍ରା. ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ। |
| ଆଖୁ | ଅଭିବୃଦ୍ଧି ଅବସ୍ଥା | • ଆଖୁ ଗଛ ୪-୫ ମାସର ହୋଇଗଲେ କାଣ୍ଡ ବିନ୍ଧାପୋକ ଦ୍ୱାରା ଆକ୍ରାନ୍ତ ପିଲ ଏବଂ ବିଳମ୍ବରେ ଆସିଥିବା ପିଲ ଗୁଡିକୁ ବାହାର କରି ତଳ ଶୁଖିଲା ପାତ୍ରକୁ କାଢି ୨-୩ଟି ଆଖୁ ଏକାଠି ବାନ୍ଧି ଦିଅନ୍ତୁ।<br>• ଆଖୁରେ ପବବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ଜୈବିକ ଉପାୟରେ ଏକର ପ୍ରତି ଗୋଟିଏ ଲେଖାଏଁ Trichogramma chilonis କାର୍ଡ ପ୍ରତି ସପ୍ତାହ ଅନ୍ତରରେ ୬ଥର ବ୍ୟବହାର କରନ୍ତୁ । କାର୍ଡଟିକୁ ନିର୍ଦ୍ଧାରିତ ସ୍ଥାନରେ ଖଣ୍ଡ ଖଣ୍ଡ କରି ୧୨ଟି ସ୍ଥାନରେ ଲଗାନ୍ତୁ । |
| ମାଣ୍ଡିଆ | ଚାରା ଅବସ୍ଥା | • ମାଣ୍ଡିଆ ବୁଣିବାର ୧-୨ଦିନ ମଧ୍ୟରେ ଓ ରୁଆ ଫସଲରେ ରୋଇବାର ୪-୫ ଦିନ ପରେ ଏକର ପ୍ରତି ୫୦୦ ମିଲି Pretilachlor ୫୦% EC କିମ୍ବା ୧୦୦୦ ମିଲି Pendimethaline ୩୦% EC ଘାସମରା ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । |
| ଚିନାବାଦାମ | ବୁଣିବା ଠାରୁ ଅବିବୃଦ୍ଧି ଅବସ୍ଥା | • ଚିନାବାଦାମ ଫସଲରେ ମଞ୍ଜି ବୁଣିବା ସମୟରେ ପ୍ରାକ ତୃଣକମାରୀ ପ୍ରୟୋଗ କରି ନଥିଲେ ମଞ୍ଜି ବୁଣିବାର ୧୫ ଦିନ ମଧ୍ୟରେ ଏକର ପ୍ରତି ୩୦୦ ମିଲି Imazethapyr ଘାସମରା କିମ୍ବା ୪୦୦ମିଲି Quizalofop Ethyl, ୨୦୦ ମିଲି ପାଣିରେ ମିଶାଇ ସିଂଚନ କରନ୍ତୁ । |
| କଖାରୁ ଜାତୀୟ ପନିପରିବା | ଫୁଲ ଓ ଫଳ ଧରିବା ଅବସ୍ଥା | • ବର୍ଷା ପରେ କଖାରୁ ଜାତୀୟ ପନିପରିବା ଫସଲରେ ନିମ୍ନମୁଖୀ ପତ୍ରପୋଡା ରୋଗ ଲଗିବାର ସମ୍ଭାବନା ରହିଛି । ଏହି ରୋଗର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ Copper Hydroxide ନାମକ ଫିମ୍ପିନାଶକ କିମ୍ବା ପ୍ରତି ଲିଟର ପାଣିରେ ୩ଗ୍ରାମ Fosetyl -AL ନାମକ ଫିମ୍ପିନାଶକ କିମ୍ବା ପ୍ରତି ଲିଟର ପାଣିରେ ୨-ଗ୍ରାମ Carbendazim ଏବଂ Mancozeb ର ମିଳିତ ଫିମ୍ପିନାଶକ, ମିଶାଇ ସିଂଚନ କରନ୍ତୁ। |
| ବିନ | ମଞ୍ଜି ଲଗାଇବା ଅବସ୍ଥା | • ଓଡିଶାର ଜଳବାୟୁ ପାଇଁ ବିନର କିଛି ଉପଯୋଗୀ କିସମ ଗୁଡିକ ହେଲା ଫାଲ୍‌ଗୁନୀ , ଅର୍କା କୋମଲ, କଣ୍ଟେଣ୍ଡର, ପୁଷା ପାର୍ବତୀ ଇତ୍ୟାଦି । ସେହିପରି କିଛି ଲତା ଜାତୀୟ କିସମ ହେଲା କେଣ୍ଟୁକୀ ୱାଣ୍ଡର, ପୁଷା ହେମଲତା ଇତ୍ୟାଦି ।<br>• ଏକ ଏକର ଜମିରେ ୨୦-୩୦ କେଜି ବୁଦା ଜାତୀୟ ବିହନ ଓ ୧୦-୧୨ କେଜି ଲଟା ଜାତୀୟ ବିହନ ଆବଶ୍ୟକ ହୁଏ । |
| ବାଇଗଣ | ଚାରା ରୋପଣ ଅବସ୍ଥା | • ବର୍ଷା ପରେ ବାଇଗଣ ଫସଲରେ ତଳି ଘେରାରେ ଘେରାକଟା ରୋଗ ନହେବା ପାଇଁ ପ୍ରାଥମିକ ଅବସ୍ଥାରେ ପ୍ରତି ୧କିଲୋଗ୍ରାମ ବିହନରେ ୪ଗ୍ରାମ Trichoderma asperellum କିମ୍ବା ୧୦ଗ୍ରାମ Pseudomonas fluorescens ମିଶାଇ ବିଶୋଧନ କରନ୍ତୁ ।<br>• ତଳିଘେରାରେ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଯେପରିକି ଠିଆ ପାଣି ଜମିରେ ନରୁହେ ।<br>• ଘେରାକଟା ରୋଗ ହୋଇ ତଳି ମାରିବା ଦେଖାଦେଲେ, ୧୦ ଲିଟର ପାଣିରେ ୨୦ଗ୍ରାମ Metalaxyl ଓ Mancozeb ମିଳିତ ଫିମ୍ପିନାଶକ ମିଶାଇ, ଏହି ଦ୍ରବଣକୁ ଝରା ଦ୍ୱାରା ମାଟିକୁ ଭିଜାନ୍ତୁ । |
| ପଶୁ ପାଳନ | • ଅଧିକ ବର୍ଷା ସମୟରେ ଗାଈଗୋରୁ ମାନଙ୍କୁ ବାହାରକୁ ଚାରିବାକୁ ନଛାଡି ଗୁହାଳରେ ବାନ୍ଧି ରଖନ୍ତୁ ।<br>• ସବୁଜ ଘାସ ଓ ଶୁଖିଲା ଗୋଖାଦ୍ୟ ଖାଇବାକୁ ଦିଅନ୍ତୁ ।<br>• ଗୋଖାଦ୍ୟକୁ ଶୁଖିଲା ସୁରକ୍ଷିତ ସ୍ଥାନରେ ରଖନ୍ତୁ ଯେପରିକି ତାହା ବର୍ଷା ଓ ଆର୍ଦ୍ରତା ଦ୍ୱାରା ନଷ୍ଟ ନହୁଏ । | |
| କୁକୁଡା ପାଳନ | • ଅଧିକ ବର୍ଷା ଦ୍ୱାରା କୁକୁଡା ଘର ଚାରିପାଖେ ପାଣି ଜମି ନରହିବା ପାଇଁ ଓ ମଶା ପ୍ରଜନନ ରୋକିବା ପାଇଁ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।<br>• ବର୍ଷା ଯୋଗୁଁ ଅସୁସ୍ଥତା ଓ କକ୍ସିଡିଓସିସ ରୋଗର ଲକ୍ଷଣ ଦେଖା ଦେଇପାରେ । ତେଣୁ କୁକୁଡା ମାନଙ୍କୁ ନିୟମିତ ପର୍ଯ୍ୟବେକ୍ଷଣ କରନ୍ତୁ । | |

ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ୱାରା ସ୍ୱୀକୃତ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,QPM,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଆଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)